# କଟକ ମହାନଗର ନିଗମ

## ଟ୍ୟାକ୍ସେସନ, ଫାଇନାନ୍ସ ଏବଂ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟିର ୧୬ତମ ବୈଠକ ବିବରଣୀ

ତା-୦୮-୦୩-୨୦୧୬, ସମୟ ମଧ୍ୟାହ୍ନ-୦୧.୦୦ ଘଟିକା

ସ୍ଥାନ- ମହାନଗର ନିଗମ ସଭାଗୃହ

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

୧. ଶ୍ରୀଯୁକ୍ତ ଅଜୟ କୁମାର ବାରିକ – ଡ଼େପୁଟି ମେୟର ତଥା ଅଧ୍ୟକ୍ଷ
୨. ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ -ସଦସ୍ୟ
୩. ଶ୍ରୀଯୁକ୍ତ ଜୟଦେବ ଜେନା -ସଦସ୍ୟ
୪. ଶ୍ରୀଯୁକ୍ତା କାଂଚନ ଦାସ -ସଦସ୍ୟା
୫. ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା -ସଦସ୍ୟ
୬. ଶ୍ରୀଯୁକ୍ତା ଇତିଶ୍ରୀ ଦାସ-ସଦସ୍ୟା
୭. ଶ୍ରୀଯୁକ୍ତା ବୈଶାଳୀ ବେହେରା -ସଦସ୍ୟା

ଏହି ବୈଠକରେ ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ / ଅଧ୍ୟକ୍ଷା ତଥା କର୍ପୋରେଟର ମାନେ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା-ଅଧ୍ୟକ୍ଷ-ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି
୨. ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ-ଅଧ୍ୟକ୍ଷ-ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି
୩. ଶ୍ରୀମତୀ ଏ. ଶ୍ରୀଦେବୀ-ଅଧ୍ୟକ୍ଷା-ଏଜୁକେସନ ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି
୪. ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ-ଅଧ୍ୟକ୍ଷ-ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି
୫. ଶ୍ରୀଯୁକ୍ତ ମନୋଜ କୁମାର ସେଠୀ-ଅଧ୍ୟକ୍ଷ-ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି
୬. ଶ୍ରୀଯୁକ୍ତ ବିଜୟ କୁମାର ସାହୁ- କର୍ପୋରେଟର, ୱାର୍ଡ଼ ନଂ-୩୧
୭. ଶ୍ରୀଯୁକ୍ତ ରମଜାନ ଖାନ- କର୍ପୋରେଟର, ୱାର୍ଡ଼ ନଂ-୧୬

<u>ଉପସ୍ଥିତ ଅଧିକାରୀ</u>

୧. ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ-କମିଶନର
୨. ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ-ବିତ ଅଧିକାରୀ
୩. ଶ୍ରୀଯୁକ୍ତ ଲଳିତ ମୋହନ ଦାସ- ନିର୍ବାହୀ ଯନ୍ତ୍ରୀ-୨
୪. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର- ସହକାରୀ ନିର୍ବାହୀ ଯନ୍ତ୍ରୀ
୫. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ

ଅଦ୍ୟ ତା ୦୮.୦୩.୨୦୧୬ରିଖ ମଧ୍ୟାହ୍ନ ୦୧.୦୦ ଘଟିକା ସମୟରେ କଟକ ମହାନଗର ନିଗମ ସଭାଗୃହରେ ନିଗମର ଟ୍ୟାକ୍ସେସନ, ଫାଇନାନ୍ସ ଏବଂ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟିର ୧୬ତମ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଜୟ କୁମାର ବାରିକ, ଡ଼େପୁଟି ମେୟର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷ ଉପସ୍ଥିତ ଥିବା , ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ/ଅଧ୍ୟକ୍ଷା, କର୍ପୋରେଟର, କମିଟିର ସଭ୍ୟ / ସଭ୍ୟା ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

କାର୍ଯ୍ୟସୂଚୀ ଅନୁଯାୟୀ ବିସ୍ତୃତ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକମାନ ଗ୍ରହଣ କରାଯିବା ସହ କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ଗତ ତା ୨୯.୦୨.୨୦୧୬ରିଖ କାଉନସିଲର ସ୍ୱତନ୍ତ୍ର ବୈଠକରେ ଉପସ୍ଥାପନା ଏବଂ ଆଲୋଚନା କରାଯାଇଥିବା ନିଗମର ୨୦୧୬-୧୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବଜେଟର କେତେକ ସଂଶୋଧନ ପ୍ରସ୍ତାବ ଆଗତ କରାଯାଇ, କାଉନସିଲର ଆସନ୍ତା ୧୧.୦୩.୨୦୧୬ରିଖ ବୈଠକରେ ଆଲୋଚନା ଓ ଅନୁମୋଦନ କରାଯିବା ନିମନ୍ତେ ସୁପାରିଶ କରାଗଲା ।
୨. ୨୦୧୬-୧୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବଜେଟ ମଧ୍ୟରେ ବିଭିନ୍ନ ଯୋଜନାରେ ୨୦୧୫-୧୬ ଆର୍ଥିକ ବର୍ଷର ତା. ୨୯.୦୨.୨୦୧୬ରିଖ ସୁଦ୍ଧା ପ୍ରାପ୍ତ ହୋଇଥିବା ସରକାରୀ ଅନୁଦାନର ଏକ ବିସ୍ତୃତ ତାଲିକା ଅର୍ନ୍ତଭୂକ୍ତ କରାଯିବାକୁ ସ୍ଥିର କରାଗଲା ।

୩. ତା ୩୧.୦୧.୨୦୧୬ରିଖ ସୁଦ୍ଧା ବିଭିନ୍ନ ବ୍ୟାଙ୍କରେ ଗଚ୍ଛିତ ଥିବା ନିଗମର ବିଭିନ୍ନ ଯୋଜନାରେ ପ୍ରାପ୍ତ ଅନୁଦାନର ବିବରଣୀ ପ୍ରସ୍ତୁତ କରାଯାଇଥିବା ବଜେଟ ମଧ୍ୟରେ ଅର୍ନ୍ତଭୁକ୍ତ କରାଯିବା ନିମନ୍ତେ ସ୍ଥିର କରାଗଲା ।

୪. ଜାନୁୟାରୀ ମାସ ସୁଦ୍ଧା ୨୦୧୪-୧୫ ଏବଂ ୨୦୧୫-୧୬ ଆର୍ଥିକ ବର୍ଷ ମଧ୍ୟରେ ନିଗମର ମୁଖ୍ୟ ଆୟର ଏକ ତୁଳନାତ୍ମକ ବିବରଣୀ ୨୦୧୬-୧୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତୁତ ବଜେଟ ମଧ୍ୟରେ ଅର୍ନ୍ତଭୁକ୍ତ କରାଯିବାକୁ ସ୍ଥିର କରାଗଲା । ସେହିପରି ଏହି ସମୟ ମଧ୍ୟରେ କରାଯାଇଥିବା ମୁଖ୍ୟ ଖର୍ଚ୍ଚର ଏକ ତୁଳନାତ୍ମକ ବିବରଣୀ ବଜେଟ ମଧ୍ୟରେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୫. ପୂର୍ବରୁ ପ୍ରସ୍ତୁତ କରାଯାଇଥିବା Prospective Annual Action Plan for Special Project-2016-17 ମଧ୍ୟରେ କେତେକ ସଂଶୋଧନ କରାଯାଇ, ବଜେଟ ମଧ୍ୟରେ ଅର୍ନ୍ତଭୁକ୍ତ କରାଯିବା ସହିତ ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୬. ଗତ ତା ୨୯.୦୨.୨୦୧୬ରିଖ କାଉନସିଲର ସ୍ୱତନ୍ତ୍ର ବୈଠକରେ ବିଭିନ୍ନ କର୍ପୋରେଟର ମାନଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ ପ୍ରସ୍ତୁତ କରାଯାଇଥିବା ନିଗମର ୨୦୬-୧୭ ଆର୍ଥିକ ବର୍ଷର ବଜେଟର ମୁଖ୍ୟାଂଶ ଗୁଡ଼ିକ ଓଡ଼ିଆ ଭାଷାରେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୭. ୨୦୧୬-୧୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତୁତ ବଜେଟ ମଧ୍ୟରେ ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ଆକଳନ କରାଯାଇଥିବା ୪କୋଟି ୯୭ ଲକ୍ଷ ୫୦ ହଜାର ଟଙ୍କାର Supplementary Budget କୁ ଅନୁମୋଦନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୮. ଗତ ତା ୨୯.୦୨.୨୦୧୬ରିଖ କାଉନସିଲର ସ୍ୱତନ୍ତ୍ର ବୈଠକରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ, ବିଭିନ୍ନ କର୍ପୋରେଟର ମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ନୂତନ ପ୍ରସ୍ତାବ ଗୁଡ଼ିକ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଅନୁଧ୍ୟାନ କରାଯାଇ, ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ନିମନ୍ତେ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା ସହ, Revised Annual Action Plan ପ୍ରସ୍ତୁତ କରାଯିବା ନିମନ୍ତେ ସୁପାରିଶ କରାଗଲା ।

ସର୍ବଶେଷରେ ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ / ଅଧ୍ୟକ୍ଷା, କମିଟିର ସଭ୍ୟ / ସଭ୍ୟା ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇ, ସଭା ସାଙ୍ଗ କରାଯାଇଥିଲା ।

(ଅଜୟ କୁମାର ବାରିକ)
ଡ଼େପୁଟି ମେୟର ତଥା ଅଧ୍ୟକ୍ଷ
ଟ୍ୟାକ୍ସେସନ, ଫାଇନାନ୍ସ ଏବଂ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ 164 ତା 10.3.16
ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର , ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଡ଼େପୁଟି ସେକ୍ରେଟେରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 165 ତା 10.3.16
ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଡ଼େପୁଟି ସେକ୍ରେଟେରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ...166... ତା ...10.3.16...

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର / ଡ଼େପୁଟି କମିଶନର-୧ / ଡ଼େପୁଟି କମିଶନର-୨ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ନଗର ସ୍ୱାସ୍ଥ୍ୟ ଅଧିକାରୀ / ବିତ ଅଧିକାରୀ / ସଚିବ / ମୁଖ୍ୟ ସମିକ୍ଷକ / ରିକଭରୀ ଅଫିସର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଡ଼େପୁଟି ସେକ୍ରେଟେରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ...167... ତା ...10.3.16...

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଡ଼େପୁଟି ସେକ୍ରେଟେରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 168 ତା 10.3.16

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍.ଆଇ.ଏସ୍. ସେଲ କୁ ପ୍ରଦାନ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ